## ସଂକ୍ଷେପରେ

### ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ଚିନ୍ତନ ଶିବିର

ନବରଙ୍ଗପୁର,୧୮।୬(ବି.ପ୍ର.)- ନବରଙ୍ଗପୁରସ୍ଥିତ ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପରିସରରେ ବ୍ରହ୍ମକୁମାରୀ ଚିନ୍ତନ ଶିବିର ଅନୁଷ୍ଠିତ ହୋଇଯାଇଛି। ମଧ୍ୟପ୍ରଦେଶର ଇନ୍ଦୋର କନ୍ୟା ଛାତ୍ରାବାସ ଶାନ୍ତି ନିକେତନରେ ଦୀର୍ଘ ୨୫ ବର୍ଷ ବ୍ରହ୍ମାକୁମାରୀ ଭାବେ ରହି ଆଶ୍ରମର ପ୍ରଚାରିକା ହିସାବରେ ଦେଶ ଓ ବିଦେଶରେ ପରିଚିତ ବ୍ରହ୍ମାକୁମାରୀ ସଂଘମିତ୍ରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିବିରରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଇସ୍କନ ମନ୍ଦିର ଗସ୍ତରେ ଆସିଥିବା ଇଣ୍ଡୋନେସିଆ ଇସ୍କନ ମୁଖ୍ୟ ଉପସ୍ଥିତ ଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ନବରଙ୍ଗପୁର ଓଁ ଶାନ୍ତି ବିଶ୍ୱବିଦ୍ୟାଳୟର ମୁଖ୍ୟ ବ୍ରହ୍ମାକୁମାରୀ ନୀଲମ୍ ଦିଦି, ବ୍ରହ୍ମାକୁମାରୀ ନମିତା ଦିଦି ଏବଂ ଆଶ୍ରମର ସମସ୍ତ ବ୍ରହ୍ମାକୁମାରୀ ଓ କୁମାର ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରତିଦିନ ବହୁ ଶ୍ରଦ୍ଧାଳୁ ଯୋଗଦେଉଥିଲେ।

### ମହିଳାଙ୍କ ଆତ୍ମହତ୍ୟା

ଚନ୍ଦାହାଣ୍ଡି, ୧୮।୬(ଡି.ଏନ୍.ଏ.) ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ବେହେରାମୁଣ୍ଡ ପଞ୍ଚାୟତ ବାବୋରିଆ ଗ୍ରାମର ମନସାଏ ତାଣ୍ଡିଙ୍କ ସ୍ତ୍ରୀ ପୁଷ୍ପା ଶୁକ୍ରବାର ରାତିରେ ବେକରେ ଦୌଡ଼ି ଦେଇ ଆତ୍ମହତ୍ୟା କରିଛନ୍ତି। ଶନିବାର ସକାଳେ ତାଙ୍କ ପୁଅ ଭୁବନେ ତାଣ୍ଡି ଚନ୍ଦାହାଣ୍ଡି ଥାନରେ ଲିଖିତ ଅଭିଯୋଗ କରିଥିବା ଭାରପ୍ରାପ୍ତ ଥାନାଧିକାରୀ ବିଜୁରାମ ବାଘ କହିଛନ୍ତି। ଅଭିଯୋଗ ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଚନ୍ଦାହାଣ୍ଡି ଡାକ୍ତରଖାନାକୁ ପଠାଇଛି। ୯ /୨୨ରେ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଏସ୍ଆଇ ଲଳିତ ପଣ୍ଡା ତଦନ୍ତ କରୁଛନ୍ତି। ସୂଚନାନୁଯାୟୀ, ସ୍ୱାମୀ ମନସାଏ ଦୁର୍ଘଟଣାରେ ଗୋଟିଏ ଗୋଡ଼ ହରାଇବା ପରେ ପରିବାର ଚଳାଇବା ସମସ୍ତ ବୋଝ ପୁଷ୍ପାଙ୍କ ଉପରେ ଥିଲା। ପାରିବାରିକ ସମସ୍ୟାକୁ ନେଇ ସେ କିଛିଦିନ ହେବ ମାନସିକ ଦୁଶ୍ଚିନ୍ତାରେ ରହୁଥିବା ପରିବାର ଲୋକେ କହିଛନ୍ତି।

### ପାଇପ ପାଣିରେ ଆସୁଛି ସାଲୁବାଲୁ ପୋକ

ନବରଙ୍ଗପୁର, ୧୮।୬(ବି.ପ୍ର.) ସହରର ପାଇପ ପାଣିରେ ଆସୁଛି ପୋକ। ଜନସାଧାରଣଙ୍କ ପାଇଁ ପିଇବା ପାଣି ଯୋଗାଣର ଲକ୍ଷ୍ୟ ମଉଳି ଯାଉଛି। ନିମ୍ନମାନର ପାଇପ ବିଛାଯିବା କାମ ଏହାର ଏକ ନମୁନା ବୋଲି ଲୋକେ ଅଭିଯୋଗ କରିଛନ୍ତି। ନବରଙ୍ଗପୁର ପୌରାଞ୍ଚଳର ୧୩



ନମ୍ବର ୱାର୍ଡ ଗଡବାଗୁଡା ସାହିରେ ପୋକ ସାଲୁବାଲୁ ପାଣି ଆସୁଛି। ସ୍ଥାନୀୟ ଲୋକ ଅଭିଯୋଗ କଲା ପରେ ମଧ କୌଣସି ସମାଧାନ ହେଉନାହିଁ। ଏନେଇ ଜନସ୍ୱାସ୍ଥ୍ୟ ବିଭାଗ କନିଷ୍ଠ ଯନ୍ତ୍ରୀ ରଞ୍ଜିତ ରାୟଙ୍କୁ ପଚାରିବାରୁ, ଡ୍ରେନ ନିର୍ମାଣ ପାଇଁ ମେଶିନ ଲଗାଇ ଖୋଲିବା ସମୟରେ ପାଇପ ଫାଟିଯାଇଛି। ଡ୍ରେନ ପାଣି ପାଇପରେ ପଶିଯାଇଛି। ରବିବାର ଏହାର ମରାମତି କରାଯିବ ବୋଲି ସେ କହିଛନ୍ତି।

# ଭେଦଭାବ ଭୁଲି ପାରମ୍ପରିକ ପର୍ବ ପାଳିଲେ ଏକତା ବଢ଼େ

ନବରଙ୍ଗପୁର, ୧୮।୬(ବି.ପ୍ର.)

ନବରଙ୍ଗପୁର ଜିଲା ସଂସ୍କୃତି ପରିଷଦ ପକ୍ଷରୁ ସ୍ଥାନୀୟ ମିଶନ ଶକ୍ତି ସଭାଗୃହରେ ଶନିବାର ରଜ ମହୋତ୍ସବ ପାଳିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହିଳାଙ୍କ ମଧ୍ୟରେ ମିଶନ ଶକ୍ତି ସଭାଗୃହ ପରିସରରେ ଝୋଟି ଅଙ୍କନ, ଓଡ଼ିଆ ଘରର ପାରମ୍ପରିକ ପିଠା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରଜ ଦୋଳି, ରଜ ପାନ, ପଣାର ବ୍ୟବସ୍ଥା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ମୁଖ୍ୟ ଅତିଥି, ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ଜିଲାପାଳ ଡ. କମଳଲୋଚନ ମିଶ୍ର, ଏସ୍‌ପି ଏସ୍. ସୁଶ୍ରୀ, ନବରଙ୍ଗପୁର ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ରଜ ମହୋତ୍ସବର ଶୁଭ ଉଦ୍‌ଘାଟନ କରିଥିଲେ। ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି, ପରମ୍ପରା ମହାନ୍। ଓଡ଼ିଶାର ପ୍ରାଚୀନ ପରମ୍ପରାକୁ ବଞ୍ଚାଇ ରଖିବାକୁ ଭେଦଭାବ ଭୁଲି ଭାଇଚାରା ଓ ପାରମ୍ପରିକ ରୀତିନୀତିରେ ପର୍ବପର୍ବାଣି



ଏସ୍‌ପି ଏସ୍. ସୁଶ୍ରୀ ଦୋଳି ଖେଳୁଛନ୍ତି।

ପାଳନ କରିବା ଦ୍ୱାରା ଏକତା ବଢ଼ିଥାଏ ବୋଲି ଅତିଥିମାନେ ମତ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ଝୋଟି ଓ ପିଠା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିବା ସହ ମାନପତ୍ର ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କମଧ୍ୟରେ ଡ. ରାଧାନାଥ ବେହେରା, ଅବନୀ ତ୍ରିପାଠୀ, ଡ. ବିଜୟ କୁମାର ମିଶ୍ର, ବିଜୟ

**ନବରଙ୍ଗପୁରରେ ଜିଲାସ୍ତରୀୟ ରଜ ମହୋତ୍ସବ**

ଚୌଧୁରୀ, ପ୍ରେମଚାନ୍ଦ ପଟ୍ଟନାୟକ, ମନୋରମା ମାଝି, ଜେମାମଣି ବିଷୋୟୀ, ହେମଲତା ମାଝୀ, ପ୍ରଭାସିନୀ ମହାନ୍ତି ପ୍ରମୁଖ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମକୁ ଡିଆଇପିଆର୍‌ଓ ହଳଧର ନିଆଲ ପରିଚାଳନା କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଜିଲା ସଂସ୍କୃତି ବିଭାଗ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ଶ୍ୟାମସୁନ୍ଦର ପୂଜାରୀ, ଦିଲୀପ କୁମାର ମଲ୍ଲିକ, ରାଜେନ୍ଦ୍ର ମାଝି, ବିଘ୍ନରାଜ ମାଝି, ନୀଳକଣ୍ଠ ନାୟକ, ଏ. ସନ୍ତୋଷ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ମିଳିଲା ଘର ତିଆରି ଅନୁମତି, ଝିଅ ଦେବେ ଭରଣପୋଷଣ ଖର୍ଚ୍ଚ

ନବରଙ୍ଗପୁର,୧୮।୬(ବି.ପ୍ର.)

ଭାଇ ଭାଉଜ ଓ ସେମାନଙ୍କ ପିଲାମାନେ ଘର ତିଆରି କରାଇ ଦେଉ ନ ଥିବା ଅଭିଯୋଗ ନେଇ ନବରଙ୍ଗପୁର ସହରର ୧ ନମ୍ବର ୱାର୍ଡର ଚାଉଁରିଆଗୁଡ଼ାରେ ରହୁଥିବା ଦୟାମଣି ହରିଜନ ଉପଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କୁ ଭେଟିଥିଲେ। ବରିଷ୍ଠ ନାଗରିକ ଆଇନ-୨୦୦୭ରେ ବୃଦ୍ଧାଙ୍କୁ ଉକ୍ତ ଜାଗାରେ ଘର ତିଆରି କରିବାକୁ ଅନୁମତି ଦିଆଯାଇଛି। ଏଥିସହ ବୃଦ୍ଧା



ଉପଜିଲାପାଳଙ୍କ ସହ ଦୟାମଣି ହରିଜନ।

**ବୃଦ୍ଧାଙ୍କୁ ନ୍ୟାୟ**

ଜଣକ ବଞ୍ଚିଥିବା ପର୍ଯ୍ୟନ୍ତ ତାଙ୍କ ୪ ବିବାହିତା ଝିଅ ମାସିକ ୧ହଜାର ଟଙ୍କା ଲେଖାଏ ମା’ଙ୍କୁ ଦେବେ ବୋଲି ଉପଜିଲାପାଳ ନିଜ ରାୟରେ କହିଛନ୍ତି।

ସୂଚନାନୁଯାୟୀ, ଦୟାମଣିଙ୍କ ନାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ତିଆରି କରିବାକୁ କାର୍ଯ୍ୟାଦେଶ ଆସିଛି। କିନ୍ତୁ ଭାଇ, ଭାଉଜ ଓ ସେମାନଙ୍କ ପୁଅମାନେ ସେହି ସ୍ଥାନରୁ ତଡ଼ି ଦେଉଛନ୍ତି। ମାନସିକ ଓ ଶାରୀରିକ ନିର୍ଯାତନା ଦେଉଛନ୍ତି ବୋଲି ଚଳିତ ବର୍ଷ ମେ’ ୨ରେ ଦୟାମଣି ନବରଙ୍ଗପୁର ଉପଜିଲାପାଳଙ୍କ ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଦୟାମଣିଙ୍କ ଏହି ପିଟିଶନ ପରେ ନବରଙ୍ଗପୁର ଉପଜିଲାପାଳ ଘଟଣାର ତଦନ୍ତ କରି ଶନିବାର ବରିଷ୍ଠ ନାଗରିକ ଆଇନ-୨୦୦୭ ଅନୁଯାୟୀ ରାୟ ଶୁଣାଇଛନ୍ତି। ଦୟାମଣି ତାଙ୍କ ଜାଗାରେ ଘର କରିବେ ଏବଂ ସେ ବଞ୍ଚିଥିବା ପର୍ଯ୍ୟନ୍ତ ତାଙ୍କ ୪ ବିବାହିତା ଝିଅ ମାସିକ ୧ ହଜାର ଟଙ୍କା ଲେଖାଏଁ ମା’ଙ୍କୁ ଦେବେ। ଏଥିସହ ଭରଣପୋଷଣ ଦାୟିତ୍ୱ ତୁଲାଇବେ ବୋଲି ଦୟାମଣିଙ୍କ ସପକ୍ଷରେ ଉପଜିଲାପାଳ ରାୟ ଶୁଣାଇଛନ୍ତି। ସମ୍ମାନର ସହ ବଞ୍ଚିବା ପାଇଁ ବରିଷ୍ଠ ନାଗରିକଙ୍କ ଲାଗି ଆଇନ ରହିଛି, ଆବଶ୍ୟକ ସ୍ଥଳେ ବରିଷ୍ଠ ନାଗରିକମାନେ ଏହାର ଉପଯୋଗ କରନ୍ତୁ ବୋଲି ନବରଙ୍ଗପୁର ଉପଜିଲାପାଳ କହିଛନ୍ତି।

# କୃଷି କାର୍ଯ୍ୟ, ଜରୁରିକାଳୀନ ସେବା ଉପରେ ପଡୁଛି ପ୍ରଭାବ

ନବରଙ୍ଗପୁର,୧୮।୬(ବି.ପ୍ର.)

ଗୋଟିଏ ପଟେ ବିଳମ୍ବିତ ମୌସୁମୀ ଓ ଧାନ ବିହନ ଅଭାବ। ଅନ୍ୟ ପକ୍ଷରେ ନବରଙ୍ଗପୁର ଜିଲାରେ ଡିଜେଲ ମିଳୁନାହିଁ। କୃଷି କାର୍ଯ୍ୟରେ ବ୍ୟବହୃତ ଟ୍ରାକ୍ଟର ଓ ଡିଜେଲ ଚଳିତ ଯନ୍ତ୍ରାଂଶ ପାଇଁ ଚାଷୀ ଡିଜେଲ ଖୋଜିଲେ ମିଳୁ ନାହିଁ। ଅନ୍ୟପକ୍ଷରେ ନବରଙ୍ଗପୁର ଜିଲାର ସମସ୍ତ ଡାକ୍ତରଖାନାରୁ ପ୍ରତ୍ୟେକ ଦିନ ଆମ୍ବୁଲାନ୍ସ ମାଧ୍ୟମରେ ରୋଗୀ ଓ ଗୁରୁତରଙ୍କୁ ଅନ୍ୟତ୍ର ସ୍ଥାନାନ୍ତର

**ଜିଲାରେ ଡିଜେଲର ଘୋର ଅଭାବ**

କରାଯାଉଛି। ପୋଲିସ ପେଟ୍ରୋଲିଂ ଓ ଜରୁରୀକାଳୀନ ସେବାରେ ଗାଡି ବ୍ୟବହାର କରୁଛନ୍ତି। ସେହିଭଳି ମାଲ ପରିବହନ କରୁଥିବା ଟ୍ରକ୍ ଓ ଗାଡି ମଟରଗୁଡିକ ପେଟ୍ରୋଲ ପମ୍ପରେ ଡିଜେଲ ପାଉନାହାନ୍ତି। ରାସ୍ତାରେ ଗାଡ଼ି ଅଟକାଇ ଡିଜେଲ କେଉଁଠାରେ ମିଳିବ ଖୋଜି ବୁଲୁଛନ୍ତି। ଚାଷବାସ ସମୟରେ ଅନେକ ଚାଷୀ ଟ୍ରାକ୍ଟରକୁ ଘରେ ରଖିବାକୁ ବାଧ ହେଉଛନ୍ତି। ନବରଙ୍ଗପୁର ସହର ଓ ଉପକଣ୍ଠରେ ୧୦ଟି ପେଟ୍ରୋଲ ପମ୍ପ ରହିଥିବାବେଳେ ଗୋଟିଏ ପେଟ୍ରୋଲ ପମ୍ପରେ ଶୁକ୍ରବାର ୨୦ ହଜାର ଲିଟର ଡିଜେଲ ପହଞ୍ଚିଥିଲା। ଶନିବାର ସକାଳୁ ତାହାମଧ ସରିଗଲା। ଜିଲାରେ ଡିଜେଲ ସମସ୍ୟା ଏକ ସପ୍ତାହ ହେବ ଲାଗି ରହିଛି। ତେଣୁ କେନ୍ଦ୍ର ଓ ରାଜ୍ୟ ସରକାର ଏଥିପ୍ରତି ଗୁରୁତ୍ୱ ଦେଇ ପ୍ରତିକାର ବ୍ୟବସ୍ଥା କରନ୍ତୁ ବୋଲି ଦାବି ହେଉଛି।

# ରାମଚନ୍ଦ୍ର ନିର୍ଦ୍ୱନ୍ଦ୍ୱରେ ଗୁଡାରି ଲ୍ୟାମ୍ପ୍‌ସର ସଭାପତି ନିର୍ବାଚିତ



ଗୁଡାରି,୧୮।୬(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଡାରି ଲ୍ୟାମ୍ପ୍‌ସର ସଭାପତି ଭାବେ ରାମଚନ୍ଦ୍ର ଗମାଙ୍ଗ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଗୁଡାରି ଲ୍ୟାମ୍ପ୍‌ସର ୧୩ ନମ୍ବର ନିର୍ବାଚନ ମଣ୍ଡଳୀର ନିର୍ଦ୍ଦେଶକ ରାମଚନ୍ଦ୍ର ଗମାଙ୍ଗ ଶୁକ୍ରବାର ଏକମାତ୍ର ସଭାପତି ପ୍ରାର୍ଥୀ ଭାବେ ନିଜର ପ୍ରାର୍ଥିପତ୍ର ଦାଖଲ କରିଥିଲେ। ପ୍ରାର୍ଥିପତ୍ର ଦାଖଲର ନିର୍ଦ୍ଧାରିତ ସମୟ ପରେ ନିର୍ବାଚନ ଅଧିକାରୀ ପ୍ରାର୍ଥିପତ୍ର ଯାଞ୍ଚକରି ରାମଚନ୍ଦ୍ରଙ୍କୁ ଗୁଡାରି ଲ୍ୟାମ୍ପ୍‌ସର ସଭାପତି ଭାବେ ବିଧିବଦ୍ଧ ଘୋଷଣା କରିଥିଲେ। ଲ୍ୟାମ୍ପ୍‌ସର ନିର୍ବାଚନଅଧିକାରୀ ରବି ନାରାୟଣ ଗୌଡ଼, ଅତିରିକ୍ତ ନିର୍ବାଚନ ଅଧିକାରୀ ଲୋକନାଥ ପାଇକ ଏବଂ ଗୁଡାରି ଲାମ୍ପ୍‌ସର ପରିଚାଳନା ନିର୍ଦ୍ଦେଶକ ବିଶ୍ୱନାଥ କ୍ରିଷ୍ଟାଙ୍କ ଉପସ୍ଥିତରେ ଏହି ନିର୍ବାଚନ କାର୍ଯ୍ୟ ସମାପନ ହୋଇଥିଲା। ନାମାଙ୍କନ ପତ୍ର ଦାଖଲ ସମୟରେ ଗୁଡାରି ବ୍ଲକ ଓ ଏନ୍‌ଏସି ଅଧକ୍ଷା, ବ୍ଲକ ଉପାଧକ୍ଷ, ବିଜେଡି ନେତା ସନ୍ତୋଷ ମହାନ୍ତି, କେଦାର ସାହୁ, ଏମ୍. ପ୍ରସାଦ, ଟୁନା ଗୌଡ଼, ବୁଲା ଶବର, ଭଗବାନ ଗୌଡ଼, ଜଗନ୍ନାଥ ଶବରଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ। ପ୍ରକାଶଯୋଗ୍ୟ ରାମଚନ୍ଦ୍ର ବିଜେଡି ସମର୍ଥିତ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଗୁଡାରି ଅଞ୍ଚଳର ଚାଷୀଙ୍କ ସୁବିଧା ନିମନ୍ତେ ସମସ୍ତ ପ୍ରକାର ବ୍ୟବସ୍ଥା କରିବେ ବୋଲି ନୂତନ ସଭାପତି କହିଛନ୍ତି।

# ୨ ମାସ ପରେ ବି କାହିଁକି ପଦକ୍ଷେପ ନିଆଯାଉନି: ଭାନୁମତି

ଟିକିରି,୧୮।୬(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ପଞ୍ଚାୟତରେ ୨ମାସ ତଳେ ଭବାନିପାଟଣାରେ ଅଙ୍ଗନୱାଡ଼ି କର୍ମୀ ଥିବା ଭାନୁମତି ନାଏକ ନିଜ ଶାଶୁଙ୍କ ମୃତଦେହ ଟିକିରି ଅଞ୍ଚଳର ନରସିଂହ ଷଡ଼ଙ୍ଗୀଙ୍କ ଦୋକାନ ଆଗରେ ରଖି ଜମି ହଡ଼ପ ଅଭିଯୋଗ କରିଥିଲେ। ସେତେବେଳେ କାଶୀପୁର ତହସିଲଦାର ଶରତ ଶବର ଓ ଟିକିରି ଆଇଆଇସିଙ୍କ ହସ୍ତକ୍ଷେପରେ ଉଭୟ ପକ୍ଷଙ୍କୁ ବୁଝାଶୁଝା କରାଯାଇଥିଲା। ଦେଢ଼ମାସ ମଧ୍ୟରେ ନିଜର ମାଲିକାନା ନଥିପତ୍ର ତଥା ପଟ୍ଟା, ପାଉତି ଦେଖେଇବାକୁ ନରସିଂହଙ୍କୁ କୁହାଯାଇଥିଲା। ଏହାପରେ ମୃତଦେହ ସତ୍କାର କରାଇଥିଲେ। ତେବେ ଘଟଣାର ୨ ମାସ ବିତିଯାଇଥିଲେ ମଧ ନରସିଂହ ଏ ପର୍ଯ୍ୟନ୍ତ କୌଣସି ଅସଲି ନଥିପତ୍ର ଦେଖାଇ ନାହାନ୍ତି। ତେବେ ପୋଲିସ ତାଙ୍କୁ କାହିଁକି ଘଣ୍ଟ ଘୋଡ଼ାଉଛି ବୋଲି ଭାନୁମତି ଶନିବାର ଟିକିରିସ୍ଥିତ ଡାକବଙ୍ଗଳାରେ ଏକ ଖବରଦାତା ସମ୍ମିଳନି କରି ପ୍ରଶ୍ନ କରିଛନ୍ତି। ଶୀଘ୍ର ଏହାର ତଦନ୍ତ କରି ନ୍ୟାୟ ଦେବାକୁ ସେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଭାନୁମତିଙ୍କ ଟିକିରି ଗୌଡ଼



ଭାନୁମତି ନାଏକ

**ଟିକିରି ଜମି ହଡ଼ପ ଅଭିଯୋଗ ମାମଲା**

ସାହିରେ ଜମି ରହିଛି। ଭାନୁମତି ସ୍ୱାମୀ ଏବଂ ଶଶୁଙ୍କ ସହ ଭବାନିପାଟଣାରେ ରହୁଥିଲେ। ସ୍ୱାମୀଙ୍କ ପୂର୍ବରୁ ମୃତ୍ୟୁ ଘଟିଥିବାବେଳେ ଶାଶୁଙ୍କ ମୃତ୍ୟୁ ପରେ ତାଙ୍କ ମୃତଦେହ ସତ୍କାର ପାଇଁ ଗାଁକୁ ଆଣିଥିଲେ। ତେବେ ତାଙ୍କ ଜମି ଟିକିରି ଅଞ୍ଚଳର ନରସିଂହ ଷଡ଼ଙ୍ଗୀ ଜବରଦଖଲ କରି ଦୋକାନ କରି ବ୍ୟବସାୟ କରୁଥିବା ଭାନୁମତି ଅଭିଯୋଗ କରି ସେଠାରେ ମୃତଦେହ ରଖି ୨ ମାସ ତଳେ ଧାରଣାରେ ବସିଥିଲେ।

# ସିଲାବସ୍ ସରିନାହିଁ, ୨୨ ରେ କେମିତି ପରୀକ୍ଷା ଦେବୁ

ରାୟଗଡ଼ା ଅଫିସ,୧୮।୬-

ଫାଇନାଲ ସେମିଷ୍ଟର ପରୀକ୍ଷା ଜୁନ୍ ୨୨ରେ ହେବ ବୋଲି ସୂଚନା ଦିଆଯାଇଛି। ମାତ୍ର ୫୦ ପ୍ରତିଶତ ସିଲାବସ୍ ଏ ପର୍ଯ୍ୟନ୍ତ ସରିଛି। ତେଣୁ ପାଠ ନ ପଢ଼ି ପରୀକ୍ଷା କେମିତି ଦେବୁ ବୋଲି ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ତୃତୀୟ ବର୍ଷର ଛାତ୍ରୀଛାତ୍ର ମାନେ ପ୍ରଶ୍ନ କରିଛନ୍ତି। ଏ ନେଇ ଛାତ୍ରୀଛାତ୍ରମାନେ ଶନିବାର ଜିଲାପାଳ ସରୋଜ କୁମାର ମିଶ୍ରଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଶିକ୍ଷାମନ୍ତ୍ରୀ ଏବଂ ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ସଚିବ ୩୧

**ଜିଲାପାଳଙ୍କୁ ସାକ୍ଷାତ କଲେ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଛାତ୍ର**

ଜୁଲାଇ ସୁଦ୍ଧା ଫାଇନାଲ ସେମିଷ୍ଟର ପରୀକ୍ଷା ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ କୋର୍ସ ନ ସରି ଏତେ କମ ସମୟ ମଧ୍ୟରେ ପରୀକ୍ଷା ଦେବା ସମ୍ଭବ ନୁହେଁ ବୋଲି ଛାତ୍ରୀଛାତ୍ରମାନେ କହିଛନ୍ତି। ଏହାକୁ ଗୁରୁତ୍ୱର ସହ ବିଚାର କରି ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଏ ନେଇ କଲେଜ ପ୍ରିନ୍ସିପାଲଙ୍କୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ ବୋଲି ପିଲାମାନେ କହିଛନ୍ତି।

# ଜଗନ୍ନାଥ ନିର୍ଦ୍ୱନ୍ଦ୍ୱରେ ଚନ୍ଦ୍ରପୁର ଲ୍ୟାମ୍ପ୍‌ସ ସଭାପତି



ଲ୍ୟାମ୍ପ୍‌ସ କାର୍ଯ୍ୟାଳୟ ସମ୍ମୁଖରେ ନୂତନ ସଭାପତି ଓ ଅନ୍ୟମାନେ ।

ଚନ୍ଦ୍ରପୁର,୧୮।୬(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡ଼ା ଠାରେ ଲ୍ୟାମ୍ପ୍‌ସ କାର୍ଯ୍ୟାଳୟ ରହିଛି। ଲ୍ୟାମ୍ପ୍‌ସ ସଭାପତି ନିର୍ବାଚନ ପାଇଁ ଶୁକ୍ରବାର ନାମାଙ୍କନ ପତ୍ର ଦାଖଲର ଶେଷ ଦିନ ଥିଲା। ଏଥିରେ ଡାଙ୍ଗସୋରଡ଼ା ପଞ୍ଚାୟତ ଅଧୀନ ଯୁଗାପଦର ଗ୍ରାମର ପୂର୍ବତନ ଲ୍ୟାମ୍ପ୍‌ସ ସଭାପତି ଜଗନ୍ନାଥ ଶବର ପୁଣି ନାମାଙ୍କନ ପତ୍ର ଦାଖଲ କରିଥିଲେ। ୧୦ ନିର୍ଦ୍ଦେଶକଙ୍କ ମଧ୍ୟରୁ ଅନ୍ୟ କେହି ସଭାପତି ନିମନ୍ତେ ନାମାଙ୍କନ ପତ୍ର ଦାଖଲ କରି ନ ଥିଲେ। ଫଳରେ ନିର୍ବାଚନ ଅଧିକାରୀ ସନ୍ତୋଷ କୁମାର ଶବର ଜଗନ୍ନାଥଙ୍କୁ ନିର୍ଦ୍ୱନ୍ଦ୍ୱରେ ସଭାପତି ଘୋଷଣା କରିଛନ୍ତି। ଜଗନ୍ନାଥ ନାମାଙ୍କନ ଦାଖଲ କରିବା ସମୟରେ ପ୍ରସ୍ତାବକ ଭାବେ ଲ୍ୟାମ୍ପ୍‌ସ ନିର୍ଦ୍ଦେଶକ ପ୍ରମୋଦ ସାହୁକାର, ସମର୍ଥକ ଭାବେ ଲ୍ୟାମ୍ପ୍‌ସ ନିର୍ଦ୍ଦେଶକ ବିଷ୍ଣୁ ପ୍ରସାଦ ପାତ୍ର, ଲ୍ୟାମ୍ପ୍‌ସ ପରିଚାଳନା ନିର୍ଦ୍ଦେଶକ ଉପସ୍ଥିତ ଥିଲେ।

# ୨ ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲ୍

ଗୁଣପୁର,୧୮।୬(ଡି.ଏନ.ଏ)-

ଗୁଣପୁର ବ୍ଲକ ମରମା ପଞ୍ଚାୟତର ବଡ଼ବର୍ଜୁଗୁଡ଼ା ଗ୍ରାମରେ ରୁଗୁଡୁ ପାଟିକା (୬୫)ଙ୍କୁ ହତ୍ୟାକରି ମୃତଦେହ ପୋତି ଦେଇଥିବା ମାମଲାରେ ଏଡିଜେଙ୍କ କୋର୍ଟରେ ରାୟ ପ୍ରକାଶ ପାଇଛି। ୨ ଅଭିଯୁକ୍ତଙ୍କ ବିରୋଧରେ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଏଡିଜେ ମାନସ ରଞ୍ଜନ ରଥ ରାୟ ଶୁଣାଇଛନ୍ତି। ୩୦୨ ହତ୍ୟା ମାମଲାରେ ପ୍ରମାଣ ଅଭାବରୁ ଉଭୟଙ୍କୁ ଖଲାସ କରିଛନ୍ତି। ତେବେ ଦଫା ୨୦୧ ରେ ଦୁଇ ଅଭିଯୁକ୍ତ ସୁବାସ ପାଲକା(ମନିଷ) ଏବଂ ନାଗେଶ ବିଡିକାଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ଶୁଣାଇଛନ୍ତି। ଦୁଇ ଅଭିଯୁକ୍ତଙ୍କୁ ୭ ବର୍ଷ ଲେଖାଏ ଜେଲ୍ ଦଣ୍ଡ ସହ ୫ ହଜାର ଟଙ୍କା ଲେଖାଏ ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୩ ମାସ ଜେଲ୍‌ଦଣ୍ଡ ଶୁଣାଇଛନ୍ତି। ଅଭିଯୁକ୍ତଙ୍କ ପାଇଁ ରାଜକିଶୋର ଦାସ ଏବଂ ସରକାରଙ୍କ ପକ୍ଷରୁ ରାଜେନ୍ଦ୍ର ପ୍ରସାଦ ସାହୁ ମାମଲା ପରିଚାଳନା କରୁଥିଲେ।

ମମଲାରୁ ଜଣାଯାଏ, ୨୦୧୮ ଏପ୍ରିଲ ୬ ରାତିରେ ରୁଗୁଡୁଙ୍କୁ ହତ୍ୟା କରାଯାଇଥିଲା। ସୁବାସ ଏବଂ ନାଗେଶ ଘରେ ପଶି ହତ୍ୟା କରିଥିଲେ। ସୁବାସ ରୁଗୁଡୁଙ୍କ ନାତୁଣି ରାଉଲଆମ୍ମାଙ୍କ ପାଟିକୁ ଭିଡ଼ି ଧରିଥିବାବେଳେ ସାଙ୍ଗରେ ଥିବା

**ବଡ଼ବର୍ଜୁଗୁଡ଼ା ହତ୍ୟାକାଣ୍ଡ ଓ ମୃତଦେହ ପୋତିଦେବା ମାମଲା**

ନାଗେଶ ଟାଙ୍ଗିଆରେ ରୁଗୁଡୁଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଏଥିରେ ରୁଗୁଡୁଙ୍କ ମୃତ୍ୟୁ ଘଟିଥିଲା। ଭୟରେ ରାଉଲଆମ୍ମା ଘଟଣା ବିଷୟରେ ରାତିରେ କାହାକୁ କହି ନ ଥିଲେ ମଧ ସକାଳେ ପଡ଼ୋଶୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ସୁବାସ ଏବଂ ନାଗେଶଙ୍କୁ ଡାକି ପଚାରିବାରୁ ସେମାନେ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ଦୁଇ ଅଭିଯୁକ୍ତ ଘଟଣା ପରଦିନ ବର୍ଜୁଗୁଡ଼ା ଗ୍ରାମର କବରସ୍ଥାନରେ ମୃତଦେହ ପୋତି ଦେଇଥିଲେ। ପୋଲିସ କୌଣସି ସୂତ୍ରରୁ ଖବର ପାଇ ତଦନ୍ତ କରିଥିଲା। ମୃତଦେହ କବରରୁ ବାହାର କରି ବ୍ୟବଚ୍ଛେଦ ପରେ ପୁଣି କବର ଦିଆଯାଇଥିଲା। ତଦନ୍ତ ପରେ ଗୁଣପୁର ପୋଲିସ ପାରିଡି ଗ୍ରାମର ସୁବାସ(ମନିଷ) ଏବଂ ତଟାଗୁଡ଼ା ଗ୍ରାମର ନାଗେଶ ବିଡିକାଙ୍କୁ ଗିରଫ କରିଥିଲା। ରୁଗୁଡୁଙ୍କ ୨ୟ ସ୍ତ୍ରୀ ନାରସମାଙ୍କ ୨୦୧୫ ରେ ମୃତ୍ୟୁ ଘଟିଥିବାବେଳେ ଚିକିତ୍ସାରେ ଅବହେଳାରୁ ମା’ଙ୍କ ମୃତ୍ୟୁ ଘଟିଥିବା ନେଇ ପୁଅ ସୁବାସ ବାପାଙ୍କ ଉପରେ ରାଗ ରଖିଥିଲେ। ଏହାର ପ୍ରତିଶୋଧ ନେବାକୁ ଯାଇ ସୁବାସ ହତ୍ୟା କରିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା।

# ଧନ ଜୀବନ ବଞ୍ଚାଇ, ସେବା ଯୋଗାଇବା ଉପରେ ଗୁରୁତ୍ୱ

ନବରଙ୍ଗପୁର/ ନନ୍ଦାହାଣ୍ଡି/ କୋଷାଗୁମୁଡ଼ା/ଚନ୍ଦାହାଣ୍ଡି/ ଉମରକୋଟ, ୧୮।୬ (ବି.ପ୍ର./ଡି.ଏନ୍.ଏ.)

ନବରଙ୍ଗପୁର ଜିଲାର ବିଭିନ୍ନ ସ୍ଥାନରେ ଶନିବାର ପ୍ରାକୃତିକ ବିପର୍ଯ୍ୟୟ ଓ ତାର ସଫଳ ମୁକାବିଲା ନେଇ ଅଭ୍ୟାସ ପ୍ରସ୍ତୁତି କରାଯାଇଛି। ବନ୍ୟା ପୂର୍ବରୁ, ବନ୍ୟା ସମୟରେ ଏବଂ ଏହାର ପରବର୍ତ୍ତୀ ସମୟରେ କିଭଳି ମୁକାବିଲା କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଛି। ଲୋକଙ୍କ ଧନ ଜୀବନ ରକ୍ଷା କରି ବନ୍ୟା ସମୟରେ ଉତ୍ତମ ସ୍ୱାସ୍ଥ୍ୟ, ଶୁଦ୍ଧ ପାନୀୟ ଜଳ, ଔଷଧ ଓ ସେମାନଙ୍କ ଖାଇବା ପିଇବା ଯୋଗାଇବା ବିଷୟରେ ପ୍ରାକ୍ ଅଭ୍ୟାସ ପ୍ରସ୍ତୁତି କରାଯାଇଛି। ବନ୍ୟା ଖବର ଆସିବା ମାତ୍ରେ ଜିଲାସ୍ତରୀୟ ଅଧିକାରୀ , ସ୍ୱାସ୍ଥ୍ୟ, ଅଗ୍ନିଶମ ବିଭାଗକୁ ଜଣାଇବାକୁ ହେବ। ପରେ ବ୍ଲକସ୍ତରରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରି ସମ୍ପୂର୍ଣ୍ଣ ବିବରଣୀ ଜିଲା ଜରୁରୀକାଳୀନ ବିଭାଗକୁ ପଠାଯିବ। ଉକ୍ତ ବିବରଣୀକୁ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା ବିଭାଗକୁ ପ୍ରେରଣ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଛି।




ନନ୍ଦାହାଣ୍ଡିରେ ଆୟୋଜିତ ବୈଠକରେ ଉପସ୍ଥିତ ଲୋକ ପ୍ରତିନିଧି ଓ ଅଧିକାରୀମାନେ ।

ଜିଲାସ୍ତରୀୟ ଅଭ୍ୟାସ ପ୍ରସ୍ତୁତି କାର୍ଯ୍ୟକ୍ରମରେ ଜିଲାପାଳ ଡଃ କମଳ ଲୋଚନ ମିଶ୍ର, ଏସ୍‌ପି ଏସ୍. ସୁଶ୍ରୀ, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଡିଆର୍‌ଡିଏ ପିଡି ରତ୍ନାକର ସାହୁ, ଉପଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଜିଲା ଜରୁରୀକାଳୀନ ଅଧିକାରୀ ମୌସୁମୀ ନାୟକ, ଜରୁରୀକାଳୀନ ବିଭାଗର ଜିଲା ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକ, ବରିଷ୍ଠ ରାଜସ୍ୱ ସହାୟକ ତ୍ରିପତି ବାଲାଜୀ ସାହୁ ଉପସ୍ଥିତ ଥିଲେ।

ସେହିଭଳି ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ପଞ୍ଚାୟତ ସମିତି ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମ ଏବିଡିଓ ପ୍ରଫୁଲ୍ଲ କୁମାର କହଁର ଅଧ୍ୟକ୍ଷତାରେ କରାଯାଇଛି। ଏହି ଅଭ୍ୟାସ କାର୍ଯ୍ୟକ୍ରମରେ ସମସ୍ତ ସରପଞ୍ଚ, ତହସିଲଦାର, ଆଇସିଡିଏସ୍ ,ବିଦ୍ୟୁତ ବିଭାଗ, ଅଗ୍ନିଶମ ବିଭାଗ, ପୋଲିସ ବିଭାଗ ଏବଂ ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

କୋଷାଗୁମୁଡା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ସର୍ବେଶ୍ୱରୀ ମାଝି, ଉପାଧକ୍ଷ ଯୋଗେନ୍ଦ୍ର ସ୍ୱାଇଁ, ନବରଙ୍ଗପୁର ଏପିଡି ଦେବୀ ପ୍ରସାଦ ଟାଲୀ, କୋଡ଼ିଙ୍ଗା ତହସିଲଦାର ଶିବପ୍ରସାଦ ପଟ୍ଟନାୟକ, ଅତିରିକ୍ତ ତହସିଲଦାର ସବ୍ୟସାଚୀ ଜେନା, କୋଡିଙ୍ଗା ରେଞ୍ଜର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ଓ ଅନ୍ୟମାନେ ଉପସ୍ଥିତ ଥିଲେ। କୋଷାଗୁମୁଡା ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ଦ୍ୱାରା ମକ୍ ଡ୍ରିଲ କରାଯାଇଥିଲା।

ଚନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ବୈଠକ ବିଡ଼ିଓ ଧର୍ମରାଜ

**ବିଭିନ୍ନ ସ୍ଥାନରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ନେଇ ଅଭ୍ୟାସ**

ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଭାରପ୍ରାପ୍ତ ଜିପିଓ ସୂର୍ଯ୍ୟନାରାୟଣ ଭତ୍ରା ଏହାକୁ ପରିଚାଳନା କରିଥିଲେ। ଅତିରିକ୍ତ ତହସିଲଦାର ନୀଳାମ୍ବର ପୂଜାରୀ, ଶିଶୁିକାଶ ଅଧିକାରୀ ସୈନେନ୍ଦ୍ରି ମହାନନ୍ଦ, ଏଏସ୍‌ଆଇ ସମୀର ପ୍ରଧାନ, ଏବିଇଓ ନୀଳକଣ୍ଠ ଦାଶ, ଗୋଷ୍ଠୀ କୃଷି ଅଧିକାରୀ ଗଜାନନ୍ଦ ସାହୁ, ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ସମରବଲ୍ଲଭ ସାହୁ, ପାନାବେଡା କଲେଜ ଅଧ୍ୟକ୍ଷ ଅରୁଣ ହୋତା, ଲ୍ୟାମ୍ପ୍‌ସ ଏମଡି ବାବୁଲା ସ୍ୱାଇଁ ଉପସ୍ଥିତ ଥିଲେ।

ଉମରକୋଟରେ ଡିଆର୍‌ଡିଏ ପିଡି ରତ୍ନାକର ସାହୁଙ୍କ ଅଧ୍ୟକ୍ଷତାରେ ବୈଠକ କରାଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷା ସୁଶିଳା ମାଝି, ଉପାଧ୍ୟକ୍ଷ ଶ୍ୟାମଲ ସରକାର, ପୌରାଧ୍ୟକ୍ଷା ରାଧା ଭତ୍ରା, ବିଡିଓ ଡ଼. ହିମାଞ୍ଚଳ ମାଝି,ତହସିଲଦାର ଏନ୍. ଜଗତ ଜୀବନ ଚୌଧୁରୀ, ପୌର ନିର୍ବାହୀ ଅଧିକାରୀ ରାମ ଚନ୍ଦ୍ର ମାଝି ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

